## ଝଡପବନ ଉଡେଇନେଲା ୮ ପରିବାରର ଛାତ

କୋରାପୁଟ/ ନାରାୟଣପାଟଣା,(ସ୍ୱ.ପ୍ର/ଡି.ଏନ.ଏ.)- କୋରାପୁଟ ଜିଲାର ନାରାୟଣପାଟଣା ବ୍ଲକର ରାଇବାଲ୍ଲା ଗ୍ରାମରେ ଝଡ ପବନରେ ୮ଟି ଘରର ଆଜବେଟସ୍ ଉଡିଯାଇଛି। ଏହି ଘଟଣା ସୋମବାର ସନ୍ଧ୍ୟାରେ ହୋଇଥିବାବେଳେ ମଙ୍ଗଳବାର ସନ୍ଧ୍ୟା ଯାଏ ବ୍ଲକ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ନ ଥିବା ସଂପୃକ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୋମବାର ୫ଟାରୁ ୬ଟା ମଧ୍ୟରେ ହୋଇଥିବା ଝଡବର୍ଷାରେ ନାରାୟଣପାଟଣାର ଲଙ୍ଗଲବେଡା ପଞ୍ଚାୟତର ରାଇବାଲ୍ଲା ଗ୍ରାମର ୮ଟି ଘରର ଆଜବେଟସ ଉଡି ଯାଇଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମର ପିଡିକା ନର୍ସା, ଗେମେଲୁ ବଳରାମ, ତାଡିଙ୍ଗ ଲଛେୟା, ପିଡିକା ପେଙ୍ଗ, ପିଡିକା ପ୍ରକାଶ , ଗେମେଲୁ ନାଗେଶ, ଗେମେଲୁ ସନ୍ତୋଷ, କେତୁ କରାଙ୍କ ଘରର ଆଜେବେଟସ ଉଡିଯାଇଛି। ଏନେଇ ସରପଞ୍ଚ ପାପେୟା ପିଡିକା ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇଛନ୍ତି ।



### ସଂକ୍ଷେପରେ

## ଦେଢ଼ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମହୁଲ ଜବତ, ଜଣେ ଗିରଫ



ପାପଡ଼ାହାଣ୍ଡି,୬।୪(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଅବକାରୀ ଅଧୀକ୍ଷକ ସନ୍ତୋଷ ଧଳସାମନ୍ତଙ୍କ ନିର୍ଦ୍ଦେଶ ଓ ଅବକାରୀ ନିରୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତ ସଦର କମର୍ଲା ସାହିସ୍ଥିତ ଏକ କ୍ୟାବିନରୁ ୧୭୬୦ କେଜି ମହୁଲ ଜବତ କରାଯାଇଛି। କ୍ୟାବିନ ମାଲିକ ରିଙ୍କୁ ଗୁପ୍ତାଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, କଣ୍ଠାସାରୁ ଗ୍ରାମର ରିଙ୍କୁ କମର୍ଲା ସାହିରେ ଏକ ଭଡ଼ା କ୍ୟାବିନ ନେଇଥିଲେ। ସେଥିରେ ମହୁଲ ଥିବା ଖବରପାଇ ଅବକାରୀ କର୍ମଚାରୀ ଚଢ଼ାଉ କରିଥିଲେ। ସେଥିରେ ୪୪ଟି ଜରି ବସ୍ତାରୁ ୧୭୬୦ କେଜି ଗଞ୍ଜେଇ ମିଳିଥିଲା। ଏହି ଚଢ଼ାଉ ବେଳେ ଅବକାରୀ ଅଧିକାରୀ କମ୍ବୁପାଣି ସିନ୍ଧୁର, ଏଏସ୍ଆଇ ଅମିୟ ଖଞ୍ଜ, ବାଳକୃଷ୍ଣ ନାୟକ, ଗତୁଲ ନାୟକ, ସଦାଶିବ ଭତରା, ରଞ୍ଜି ଜାନି, ଶ୍ରୀକାନ୍ତ ବିଶୋଇ ପ୍ରମୁଖ ସାମିଲ ଥିଲେ।

## ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

ଗୁଣପୁର,୬।୪(ଡି.ଏନ୍.ଏ.)-ରାୟଗଡା ଜିଲା ଗୁଣପୁର ସହରସ୍ଥିତ ଏକ ହଷ୍ଟେଲ ରୁମ୍‌ରୁ ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ମିଳିଛି। ମୃତକ ଜଣଙ୍କ ଗୁଣପୁର ଜିଆଇଇଟି ଛାତ୍ରୀ ସ୍ୱାତି ମିଶ୍ର। ତାଙ୍କ ଘର ଯାଜପୁର ଅଞ୍ଚଳରେବୋଲି ଜଣାପଡିଛି। ପ୍ରକାଶ ଯେ, ମଙ୍ଗଳବାର ସ୍ୱାତୀ କ୍ଲାସ ନ ଯାଇ ହଷ୍ଟେଲରେ ରହିଥିଲେ। ଅନ୍ୟ ସହପାଠୀମାନେ କଲେଜରୁ ଫେରି ରୁମ୍ କବାଟ ବନ୍ଦ ଥିବା ଦେଖି ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କବାଟ ଖୋଲାଯିବା ପରେ ଛାତ୍ରୀଙ୍କ ମୃତଦେହ ଫ୍ୟାନରେ ଝୁଲୁଥିବା ଦେଖାଦେଇଥିଲା। ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ଏଯାଏ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି। ପୋଲିସ ଘଟଣାର ତଦନ୍ତ କରୁଛି।

## ବିଶ୍ୱହିନ୍ଦୁ ପରିଷଦ କର୍ମକର୍ତ୍ତାଙ୍କ ନାମ ଘୋଷଣା

ଗୁଣପୁର,୬।୪(ଡି.ଏନ୍.ଏ.)- ରାୟଗଡା ଜିଲା ଗୁଣପୁରଠାରେ ବିଶ୍ୱହିନ୍ଦୁ ପରିଷଦର ଏକ ବୈଠକ ସ୍ଥାନୀୟ ସରସ୍ୱତି ଶିଶୁବିଦ୍ୟା ମନ୍ଦିରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ସାଙ୍ଗଠନିକ ଜିଲାର ଏହି ବୈଠକରେ ସୌରା ପଣ୍ଡା ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ଓଡିଶା ପଶ୍ଚିମ ପ୍ରାନ୍ତର ଧାର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ସୁଦର୍ଶନ ଦାସଜି ମହାରାଜ ଉପସ୍ଥିତ ଥିଲେ। ଶେଷରେବିଭିନ୍ନ ପଦ ପଦବି ନିମନ୍ତେ କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଥିଲା। ନରସିଂହ ପଟ୍ଟନାୟକ ସଭାପତି, ସୌରା ପଣ୍ଡା ଉପସଭାପତି, ବସନ୍ତ ରଥ ସମ୍ପାଦକ, ଗୋପାଳକୃଷ୍ଣ ଦେଓପାତ୍ର ସହସମ୍ପାଦକ, ସୁବାଷଚନ୍ଦ୍ର ସେନାପତି କୋଷାଧକ୍ଷ, ଗଙ୍ଗାରାମ ମାଣ୍ଡାଙ୍ଗୀ ସତ୍‌ସଙ୍ଗ ପ୍ରମୁଖ, ସତ୍ୟବତି ଧୀବର ମହିଳା ପ୍ରମୁଖ, ଝାନ୍‌ସୀ ରାଣୀ ମାଣ୍ଡାଙ୍ଗି ଦୂର୍ଗା ବାହିନୀ ପ୍ରମୁଖ ଓ ଧର୍ମ ପ୍ରସାର ପ୍ରମୁଖ ହାଡିବନ୍ଧୁ ଗମାଙ୍ଗଙ୍କୁ ମନୋନୀତ କରାଯାଇଛି। ଆସନ୍ତା ଦିନରେ ପଦ୍ମପୁର, ଗୁଡାରୀ ଏବଂ ରାମନାଗୁଡା ଅଞ୍ଚଳ ପାଇଁ କର୍ମକର୍ତ୍ତା ଚୟନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ଦୁଇ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ

### ପୁଟାସିଂ ପଞ୍ଚାୟତ ସମିତି ସଭ୍ୟ ଉପନିର୍ବାଚନ

ଗୁଣପୁର,୬।୪(ଡି.ଏନ୍.ଏ.)-୨୮ ତାରିଖରେ ହେବାକୁ ଥିବା ରାୟଗଡା ଜିଲା ଗୁଣପୁର ବ୍ଲକ ପୁଟାସିଂ ପଞ୍ଚାୟତ ସମିତି ସଭ୍ୟ ଉପ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ୨ ପ୍ରାର୍ଥୀଙ୍କ ନାମାଙ୍କନ କାୟମ ରହିଛି। ମଙ୍ଗଳବାର ନାମାଙ୍କନ ପତ୍ର ଯାଞ୍ଚ ପରେ ନିର୍ବାଚନ ଅଧିକାରୀ ତଥା ଗୁଣପୁର ବିଡିଓ ଶାନ୍ତିପ୍ରଭା ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଉପନିର୍ବାଚନ ପାଇଁ ସିପିଆଇଏମ୍‌ଏଲ୍ ସମର୍ଥିତ ମହୁଲବଣିଆ ଗାଁର ଅର୍ଚ୍ଚନା ଶବର ଏବଂ ବିଜେଡି ସମର୍ଥିତ ପ୍ରାର୍ଥୀ ବରେଇ ଗ୍ରାମର ମମତା ଗମାଙ୍ଗ ନାମାଙ୍କନ ଦାଖଲ କରିଥିଲେ। ୯ ତାରିଖ ଅପରାହ୍ନ ୩ଟା ସୁଦ୍ଧା ପ୍ରାର୍ଥୀମାନେ ନାମାଙ୍କନ ପ୍ରତ୍ୟାହାର କରିପାରିବେ ବୋଲି କାର୍ଯ୍ୟ ସୂଚୀ ରହିଛି।

# ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ, ଦାବିପତ୍ର

ନବରଙ୍ଗପୁର/ ଉମରକୋଟ/ ତେନ୍ତୁଲିଖୁଣ୍ଟି/ ଗୁଣପୁର/ପଦ୍ମପୁର/ବିଷମକଟକ/ଚନ୍ଦ୍ରପୁର, ୬।୪ (ବି.ପ୍ର./ ସ୍ୱ.ପ୍ର./ଡି.ଏନ୍.ଏ.)





ନବରଙ୍ଗପୁରରେ କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି। ରାୟଗଡ଼ା ଜିଲା ପଦ୍ମପୁରରେ କଂଗ୍ରେସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ବିଜୁଳି ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ସହର ପରିକ୍ରମାକରି ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଛନ୍ତି। କିଛିଦିନ ପୂର୍ବରୁ ବିଦ୍ୟୁତ୍ ଦର ବଢ଼ିଥିଲା। ଏବେ ଚଳିତ ମାସରୁ ପୁଣି ସରକାର ଆଉ ଥରେ ଦର ବୃଦ୍ଧି କରୁଛନ୍ତି। ଏହା ବିରୋଧରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ବିଭିନ୍ନ ସ୍ଥାନରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି।

୭ ମାସ ମଧ୍ୟରେ ୟୁନିଟ ପିଛା ଦୁଇଥର ୫୦ ପଇସା ବିଜୁଳି ଦର ବୃଦ୍ଧି ପାଇଛି। ଏହା ପ୍ରତ୍ୟେକ ଉପଭୋକ୍ତାଙ୍କ ପାଇଁ ଅସହ୍ୟ ହେଉଛି। ଯଥାଶୀଘ୍ର ବର୍ଦ୍ଧିତ ବିଜୁଳି ଦରକୁ ପ୍ରତ୍ୟାହାର କରାଯାଉ ବୋଲି ନବରଙ୍ଗପୁର କଂଗ୍ରେସ ପକ୍ଷରୁ ଦାବି କରିଛି। ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଦିଲ୍ଲୀପ ବେହେରା , ନଗର କଂଗ୍ରେସ କମିଟି ସଭାପତି ଲାଲୁ ତ୍ରିପାଠୀ , ପରୀ ସାହୁ, ଦାରିକ ମହାପାତ୍ର , ଭୀମ ହରିଜନ , ସୁମିତ ପୂଜାରୀ ଏବଂ କୁନା ପାଢ଼ୀ ପ୍ରମୁଖ ଉପସ୍ଥିତ ରହିଥିଲେ।

ନବରଙ୍ଗପୁର ଜିଲା ଉମରକୋଟ ବିଦ୍ୟୁତ୍ କାର୍ଯ୍ୟାଳୟଠାରେ କଂଗ୍ରେସ କର୍ମୀମାନେ ସକାଳ ୧୦ରୁ ୧ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ବିଜୁଳି ବିଭାଗ ଅଧିକାରୀଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି କଂଗ୍ରେସର ପୂର୍ବତନ ୱାର୍ଡ ମେମ୍ବର ମୁନା ପାଢ଼ୀ କହିଛନ୍ତି। ନଗର ସଭାପତି ମାର୍କଣ୍ଡ ସାହୁ, ତପନ ଦେବନାଥ, ଗୋପାଳ ପଟ୍ଟନାୟକ, ଯୁବ ସଭାପତି ନୀଳ ମାଧବ ନାୟକ,ବ୍ଲକ ସଭାପତି କୃଷ୍ଣ ମାଝି ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

ଉମରକୋଟ ବ୍ଲକ କଂଗ୍ରେସ ସଭାପତି ପ୍ରହ୍ଲାଦ ନାୟକଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ସ୍ଥାନୀୟ ଟାଟା ପାୱାର ସାଉଥ୍-କୋ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେଇଥିଲେ। ଏହି ସମୟରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି.ନାଗା ରତ୍ନମା, ଜିଲା ଯୁବକଂଗ୍ରେସ ସଭାପତି ଅଖିଳ ଭଦ୍ରା, ସୁନୀଲ ସିଂ, ରାଜ୍ୟ ଯୁବକଂଗ୍ରେସ ସମ୍ପାଦକ ଦ୍ୱାରିକା ମହାପାତ୍ର, ସୁମିତ ପୂଜାରୀ, ସରପଞ୍ଚ ବିଜୟ ଝଡ଼ିଆ,ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଟାଟା ପାୱାର ସାଉଥ୍-କୋ କନିଷ୍ଠ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି।

ରାୟଗଡା ଜିଲା ଗୁଣପୁର ବ୍ଲକ କଂଗ୍ରେସର ପକ୍ଷରୁ ମଙ୍ଗଳବାର ଏକ ଦାବିପତ୍ର ସାଉଥ୍-କୋ ନିର୍ବାହୀ ଯନ୍ତ୍ରୀ ପ୍ରଦିପ ରାଓଙ୍କୁ ପ୍ରଦାନ କରାଯାଇଛି। ଏହି ଦାବି ପତ୍ର ପ୍ରଦାନ ସମୟରେ କଂଗ୍ରେସ ନଗର ସଭାପତି ଶ୍ରୀକାନ୍ତ ବେହେରା, ପୂର୍ବତନ ଜିଲା ପରିଷଦ ସଭାପତି ବିଜୟ ଗମାଙ୍ଗ, ଭୋଳାନାଥ ମହାକୁଡ, ସୋମନାଥ ପାଣି, ବ୍ଲକ ସଭାପତି ବିଜିରିଞ୍ଜି ଗମାଙ୍ଗଙ୍କ ସମେତ ଅନ୍ୟ ନେତା ଏବଂ କର୍ମୀମାନେ ଉପସ୍ଥିତ ଥିଲେ।

ପଦ୍ମପୁର ବ୍ଲକ କଂଗ୍ରେସ କର୍ମୀମାନେ ସ୍ଥାନୀୟ ସାଉଥ୍-କୋ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବ୍ଲକ କଂଗ୍ରେସ ସଭାପତି ଉନ୍ଦ୍ରେ ସାହୁଙ୍କ ନେତୃତ୍ୱରେ ରାଜୀବ ସାହୁ, ବାର୍ଲର ମନ୍ମଥ, ଉମ୍ବରୁଧର ସାହୁ, ଲକ୍ଷ୍ମୀକାନ୍ତ ଶବର, କରୁଣାକର ଶବର, ବିଶ୍ୱନାଥ ହୁଇକା ଓ ସରୋଜ ଶବର ପ୍ରମୁଖ ସାମିଲ ହୋଇଥିଲେ।

ବିଷମକଟକ ବ୍ଲକ କଂଗ୍ରେସ ସଭାପତି ବିଜୟ କିଶୋର ପଟ୍ଟନାୟକ ଓ ସକ୍ରୀୟ କର୍ମୀ ନୀଳମାଧବ ହିକ୍‌କାଙ୍କ ନେତୃତ୍ୱରେ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଏହି ଧାରଣା ଦିଆଯାଇଛି । ଦୀର୍ଘ ୪ ଘଣ୍ଟା ଧରି କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ଧାରଣାରେ ଦିଆଯାଇଥିବା ବେଳେ ଏଥିରେ କଂଗ୍ରେସ ଦଳର ବହୁ ନେତା ଓ କର୍ମୀ ସାମିଲ ହୋଇ ବିଦ୍ୟୁତ ଦର ପ୍ରତ୍ୟାହାର ଦାବିରେ ସ୍ଲୋଗାନ ଦେଇଥିଲେ। କଂଗ୍ରେସ କମିଟି ପକ୍ଷରୁ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଜିର ବିକ୍ଷୋଭ ସମାବେଶରେ ସ୍ଥାନୀୟ ଅଞ୍ଚଳର ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

ଚନ୍ଦ୍ରପୁର ବ୍ଲକ କଂଗ୍ରେସ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ସମସ୍ତ ସାହି ପରିକ୍ରମା କରିଥିଲା। କୋରାପୁଟ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଭୀମ ଗଗେରେଙ୍ଗାଙ୍କ ନେତୃତ୍ୱରେ ଦେବହରୀ ଭାଟ, କାହ୍ନୁ ରାଜ, ମୁରାରୀ ଦଣ୍ଡସେନା, ଜର୍ଜ କାଡାଇସ୍କା ପ୍ରମୁଖ ସାମିଲ ହୋଇଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବିଡିଓଙ୍କୁ ଦାବିପତ୍ର

କୋରାପୁଟ,୬।୪(ସ୍ୱ.ପ୍ର)

ଓଡିଶା ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଆହ୍ୱାନକ୍ରମେ କୋରାପୁଟ ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସେମାନଙ୍କ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କୋରାପୁଟ ବିଡିଓନରେନ୍ଦ୍ର ନାୟକଙ୍କ ମାଧମରେ ପ୍ରଦାନ କରାଯାଇଛଇ। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବ୍ଲକ ଉପଦେଷ୍ଟା ଜିତେନ୍ଦ୍ର କୁମାର ଜେନା, ସଭାପତି ଯୋଗେନ୍ଦ୍ର କୁମାର ଜେନା, ସମ୍ପାଦକ ସତ୍ୟ ନାରାୟଣ ଦଲେଇ, କୋରାପୁଟ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ପାଦକ ଭଗବାନ ନାହାକ, ଉପଦେଷ୍ଟା ଡି. ଶଙ୍କର ରାଓଙ୍କ ସମେତ ସଂଘର ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ। ରାଜ୍ୟର ବିଚାର ବିଭାଗୀୟ କର୍ମଚାରୀଙ୍କ ଭଳି ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ଭତା ଦେବା, ପରିବର୍ଦ୍ଧିତ ପେନସନ, ସରକାରୀ ବସରେ ୫୦ ପ୍ରତିଶତ ରିହାତି, ପେନସନ ଅଦାଲତର ପୁନଃ ସ୍ଥାପନ ଆଦି ଦାବି ରହିଛି।

## ଆନ୍ଧ୍ରକୁ ଝଟକା, ଓଡ଼ିଶାକୁ ଆଶ୍ୱସ୍ତି

ପଟ୍ଟାଙ୍ଗୀ,୬।୪ (ଡି.ଏନ.ଏ.)–

**ଜିଲା ପରିଷଦ, ସମିତି ସଭ୍ୟ ନିର୍ବାଚନ ଉପରେ ଆନ୍ଧ୍ର ହାଇକୋର୍ଟଙ୍କ ରହିତାଦେଶ**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତରେ ଆନ୍ଧ୍ର ପକ୍ଷରୁ ଜିଲା ପରିଷଦ ଓ ସମିତିସଭ୍ୟ ନିର୍ବାଚନ ନେଇ ୧ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତିର ୧୫ ଦିନ ପରେ ନିର୍ବାଚନ କରିବା ନିୟମ ଥିଲେ ମଧ୍ୟ ଏହାକୁ ପାଳନ ନ କରି ଆନ୍ଧ୍ର ୮ ଦିନ ପରେ ନିର୍ବାଚନ କରିବାକୁ ସ୍ଥିର କରିଥିଲା। ଏହାର ପ୍ରତିବାଦ କରି ଆନ୍ଧ୍ରର ଟିଡିପି, ଭାଜପା ଓ ଏବଂ ଜନସେନା ଦଳ ପକ୍ଷରୁ ୩ତାରିଖରେ ଆନ୍ଧ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ପିଟିଶନ ଦାଏର କରିଥିଲେ। ଏହାକୁ ବିଚାର ପାଇଁ ଗ୍ରହଣ କରି ମାନ୍ୟବର ହାଇକୋର୍ଟ ଆନ୍ଧ୍ର ସରକାରଙ୍କ ନିର୍ବାଚନୀ କାର୍ଯ୍ୟ ଉପରେ ରହିତାଦେଶ ଜାରିକରି ରୋକ ଲଗାଇଛନ୍ତି। ଏହା ଓଡ଼ିଶାକୁ ଆଶ୍ୱସ୍ତି ଦେଇଛି। ଆନ୍ଧ୍ର କୋଟିଆ ପଞ୍ଚାୟତରେ ଜିଲା ପରିଷଦ ଓ ସମିତି ସଭ୍ୟ ପାଇଁ ନିର୍ବାଚନ କରୁଥିବା ଜାଣିବା ପରେ ଓଡ଼ିଶା ସରକାର ଏବଂ କୋରାପୁଟ ଜିଲା ପ୍ରଶାସନ ପାଇଁ ଏହା ଚିନ୍ତା ପାଲଟିଥିଲା। ଜିଲାପାଳ ମହମ୍ମଦ ଅବଦଲ ଅଖତର ଓ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ସୋମବାର କୋଟିଆ ପଞ୍ଚାୟତର ନେରେଡିବାଲସା ଗ୍ରାମ ଗସ୍ତକରି ଏଠାରେ ଆନ୍ଧ୍ର ପକ୍ଷରୁ ଆଇଟିଡିଏ ଗୃହରେ ହେବାକୁ ଥିବା ମତଦାନ ବ୍ୟବସ୍ଥା ବୁଲି ଦେଖିଥିଲେ। ଫଗୁଣସିନେରି ଓ ଫାଟୁସିନେରି ଗ୍ରାମକୁ ଯାଇ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ଫେରିଥିଲେ। ସେଠାରୁ ଫେରି ଜିଲା ସଦର ମହକୁମାରେ ଏକ ସର୍ବଦଳୀୟ ବୈଠକ କରି ଆନ୍ଧ୍ର ସରକାରଙ୍କ ଏହି ନିର୍ବାଚନକୁ କିପରି ରୋକିହେବ ସେନେଇ ସମସ୍ତଙ୍କ ମତ ଲୋଡିଥିଲେ। କି କି ପଦକ୍ଷେପ ଗ୍ରହଣ କରାଯାଇପାରିବ ସର୍ବଦଳୀୟ ନେତାମାନଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ କୋଟିଆ ପଞ୍ଚାୟତର ତିନି ଗ୍ରାମ ତଳଗଞ୍ଜେଇପଦର, ଫଗୁଣସିନେରି ଓ ଫାଟୁସିନେରି ଗ୍ରାମକୁ ଆନ୍ଧ୍ର ନିଜର ବୋଲି ଘୋଷଣା କରି ଫେବୃୟାରୀ ୧୩ରେ ପଞ୍ଚାୟତ ନିର୍ବାଚନ କରିଥିଲା। ଏହାର ପ୍ରତିବାଦରେ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏନେଇ କୌଣସି ରାୟ ପ୍ରକାଶ ପାଇ ନ ଥିବା ବେଳେ ଆନ୍ଧ୍ର କୋଟିଆରେ ପୁଣି ନିର୍ବାଚନ କରିବା ନେଇ ଆଗେଇବା ଉପରେ ଆନ୍ଧ୍ର ହାଇକୋର୍ଟ ରୋକ ଲଗାଇ ଆନ୍ଧ୍ର ନିର୍ବାଚନ ଅଧିକାରୀଙ୍କୁ ଏନେଇ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତ।

## ସର୍ବଦଳୀୟ ବୈଠକ କୋଟିଆ ମାଟିରେ ଆନ୍ଧ୍ର ଅଧିକାରୀଙ୍କ ନିର୍ବାଚନକୁ ବିରୋଧ

କୋରାପୁଟ,୬।୪(ସ୍ୱ.ପ୍ର)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତକୁ ଆନ୍ଧ୍ର ୩ ଭାଗ କରି ପଞ୍ଚାୟତ ନିର୍ବାଚନ କରିସାରିଥିବାବେଳେ ଆଗାମୀ ଦିନରେ ଆନ୍ଧ୍ରକୁ ମିଳିତ ଭାବେ ବିରୋଧ କରିବା ସହ ଏହି ସମସ୍ୟାର ଦୂରିକରଣ କରିବା ନେଇ ମଙ୍ଗଳବାର ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ଆୟୋଜିତ ସର୍ବଦଳୀୟ ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇଛି । କୋରାପୁଟ ଜିଲାର କାଶ୍ମୀର ସଦୃଶ ରହିଥିବା ଏହି କୋଟିଆରେ ଥିବା କୌଣସି ଗ୍ରାମକୁ ଓଡିଶାରୁ ଅଲଗା ହେବାକୁ କାହାକୁ ସୁଯୋଗ ମିଳିବ ନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଛି। କୋରାପୁଟ ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ରଘୁରାମ ପଡାଲ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଭାଜପା ନେତା ତଥା ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି , ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନ, ଜିଲା ପରିଷଦ ଅଧକ୍ଷା ତୁଳସି କିରସାନି, ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ଆନ୍ଧ୍ର ଅଧିକାରୀଙ୍କ କୋଟିଆ ମାଟିରେ ନିର୍ବାଚନ କରାଇବା ଘଟଣାକୁ ତୀବ୍ର ବିରୋଧ କରିଥିଲେ। ସେହିପରି କୋଟିଆରେ ଆନ୍ଧ୍ର ପକ୍ଷରୁ ଯେଉଁ ଦଲାଲଙ୍କୁ ରଖାଯାଇ ମାସିକ ଭାବେ ଅର୍ଥ ପ୍ରଦାନ କରାଯାଉଛି ତାହା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏହି ଅବସରରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଅବସରରେ ଜିଲାର ବିଭିନ୍ନ ଅଞ୍ଚଳରୁ ମଧ୍ୟ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି କୋଟିଆ ପ୍ରସଙ୍ଗରେ ନିଜ ମତ ରଖିଥିଲେ ।

## ମରାମତି ହେଲା ଡାକ୍ତରଖାନା ପ୍ରବେଶ ପଥ



ଉମରକୋଟ, ୬।୪(ସ୍ୱ.ପ୍ର.)

**ଧରିତ୍ରୀ ପ୍ରଭାବ**

ବିପଦସଙ୍କୁଳଭାବେ ଥିବା ଉମରକୋଟ ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରବେଶ ପଥ ଏବେ ମରାମତି ହୋଇଛି। ଏହାକୁ ଦେଖି ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଖୁସିବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଉମରକୋଟ ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୁଇଟି ପ୍ରବେଶ ପଥ ରହିଛି।

ବାମ ପାର୍ଶ୍ୱ ରାସ୍ତାଟି ବିପଦସଙ୍କୁଳ ହୋଇ ରହିଥିଲା। ଏ ନେଇ ଅନେକ ଥର ମୌଖିକ ଭାବେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଜଣାଯାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଏ ସମ୍ପର୍କରେ ୪ ତାରିଖରେ ‘ବିପଜ୍ଜନକ ଅବସ୍ଥାରେ ଡାକ୍ତରଖାନା ପ୍ରବେଶପଥ’ ଶୀର୍ଷକ ଏକ ଖବର ‘ଧରିତ୍ରୀ’ରେ ପ୍ରକାଶ ପାଇଥିଲା। ଏହାପରେ ଏବେ ମରାମତି କାମ ଆରମ୍ଭ ହୋଇଛି।

## ବସ୍‌ରୁ ମିଳିଲା ୨୫ କିଲୋ ଗଞ୍ଜେଇ

ନବରଙ୍ଗପୁର,୬।୪(ବି.ପ୍ର.)

**ଚାଲାଣ ଅଭିଯୋଗରେ ୩ ମହିଳା ଗିରଫ**

ବସ୍‌ରେ ଗଞ୍ଜେଇ ନେଇ ଯାଉଥିବାବେଳେ ପୋଲିସ ହାତରେ ଧରାପଡ଼ିଛନ୍ତି ୩ ମହିଳା। ସେମାନେ ହେଲେ କୋରାପୁଟ ଜିଲା କୋଟପାଡର ବିନତି ହରିଜନ(୫୨),ରୀତା ହରିଜନ(୩୫) ଓ ଭଗବତୀ ହରିଜନ(୪୦)। ନବରଙ୍ଗପୁର ପୋଲିସ ବସ୍ ଡ୍ରାଇଭର, ହେଲ୍‌ପର ଓ କଣ୍ଡକ୍ଟରଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ବ୍ରହ୍ମପୁରରୁ ଏକ ଘରୋଇ ବସ୍ (ଓଡି–୦୭ଭି–୮୮୨୨) ଇନ୍ଦ୍ରାବତୀ ଅଭିମୁଖେ ଯାଉଥିଲା। ଏହି ସମୟରେ ବୋରିଗୁମ୍ମାସ୍ଥିତ ସନ୍ତୋଷୀ ମନ୍ଦିର ନିକଟରେ ଅଭିଯୁକ୍ତ ମହିଳାମାନେ ବସ୍‌ରେ ଚଢ଼ି ଉମରକୋଟ ଯିବେ ବୋଲି କହିଥିଲେ। ବସ୍‌ଟି ଉମରକୋଟ ନୁହେଁ ବରଂ ନବରଙ୍ଗପୁର ଯାଉଛି ବୋଲି ବସ୍ କଣ୍ଡକ୍ଟର ସେମାନଙ୍କୁ କହିଥିଲେ। ଏହାପରେ ସେମାନେ ନବରଙ୍ଗପୁର ପର୍ଯ୍ୟନ୍ତ ବସ୍‌ରେ ଯାଇଥିଲେ। ବସ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଖବର ପାଇ ମଙ୍ଗଳବାର ସକାଳ ୬ଟାରେ ପୋଲିସ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ଅଭିଯୁକ୍ତମାନଙ୍କଠାରୁ ୨୫ କେଜି ଗଞ୍ଜେଇ ମିଳିଥିଲା।

## ବ୍ୟାଙ୍କ, ଦୋକାନ ବଜାର ବୁଲି ସଚେତନ କରୁଛି ପ୍ରଶାସନ

ଝରିଗାଁ, ୬।୪(ସ୍ୱ.ପ୍ର.)



ଅଧିକାରୀମାନେ ଝରିଗାଁ ଷ୍ଟେଟବ୍ୟାଙ୍କରେ ଥିବା ଲୋକଙ୍କୁ ସଚେତନ କରି ଫେରୁଛନ୍ତି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ପୁଣି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମାର୍ଚ୍ଚ ୧୯ରୁ ଏପ୍ରିଲ ୬ ମଧ୍ୟରେ ୧୮ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ବିଶେଷକରି କୁଡ଼ିଛାପର ପଞ୍ଚାୟତ ଚିକିଲ ଅଞ୍ଚଳରୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ପ୍ରଶାସନ ଲୋକଙ୍କୁ ସତର୍କ ହେବାକୁ ପରାମର୍ଶ ଦେବା ସହ ଗାଇଡ୍‌ଲାଇନ ଠିକ୍‌ଭାବେ ପାଳନ ହେଉଛି ନା ନାହିଁ ତାହା ତଦନ୍ତ କରୁଛି। ମଙ୍ଗଳବାର ଝରିଗାଁ ତହସିଲଦାର ହୃଷୀକେଶ ଗଣ୍ଡ ଏବଂ ଥାନାଧିକାରୀ ଉମେଶ କୁମାର ସାହୁ ଏକ ଟିମ୍ ସହ ସହରାଞ୍ଚଳରେ ବୁଲି ମାସ୍କ ବ୍ୟବହାର ଉପରେ ତନଖି କରିଥିଲେ। ମାସ୍କ ବ୍ୟବହାର ଓ କରୋନା ଗାଇଡ୍‌ଲାଇନ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ଯେଉଁ ଦୋକାନରେ ଅଯଥା ଭିଡ଼ ଜମିବ ତାହାକୁ ସିଲ୍ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିସହ ଷ୍ଟେଟ ବ୍ୟାଙ୍କ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଉପସ୍ଥିତ ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କରାଇଥିଲେ। ମଙ୍ଗଳବାର ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ନୂତନ ଭିଏଲ୍‌ଡବ୍ଲ୍ୟୁଙ୍କୁ ଦାୟିତ୍ୱ ହସ୍ତାନ୍ତର ଦାବି

ରାୟଗଡା ଅଫିସ, ୬।୪

**ଅଟକି ରହିଛି ଉନ୍ନୟନ କାମ**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଭିଏଲ୍‌ଡବ୍ଲ୍ୟୁଙ୍କୁ ୪ମାସ ତଳେ ବଦଳିକରାଯାଇ ନୂତନ ଭିଏଲ୍‌ଡବ୍ଲ୍ୟୁଙ୍କୁ ନିଯୁକ୍ତି ମିଳିଲା। ତଥାପି ଦାୟିତ୍ୱ ହସ୍ତାନ୍ତର ହୋଇ ନ ଥିବାରୁ ନୂତନ ଭିଏଲ୍‌ଡବ୍ଲ୍ୟୁ କାମରେ ଯୋଗ ଦେଇପାରୁ ନାହାନ୍ତି। ଫଳରେ ଅନେକ ଉନ୍ନୟନ କାମ ବାଧାପ୍ରାପ୍ତ ହେଉଛି ବୋଲି ବିଷମକଟକ ବ୍ଲକ କାଙ୍କୁବାଡ଼ି ସରପଞ୍ଚ ଶଶୀରେଖା ମାଣ୍ଡାଙ୍ଗୀ, ସମିତିସଭ୍ୟା ସଭ୍ୟ, ୱାର୍ଡ ମେମ୍ବର ମଙ୍ଗଳବାର ରାୟଗଡା ପ୍ରକଳ୍ପ ଅଧିକାରୀ ମହେଶ୍ୱର ଚନ୍ଦ୍ର ନାୟକଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତୁରନ୍ତ ଦାୟିତ୍ୱ ହସ୍ତାନ୍ତର କରାଯାଉ ବୋଲି ସେ ଦାବି କରିଛନ୍ତି।

ପ୍ରକାଶ ଯେ, ଦୀର୍ଘ ୪ ମାସ ହେଲା ପୂର୍ବତନ ଭିଏଲ୍‌ଡବ୍ଲ୍ୟୁ ମନୋଜ ଚନ୍ଦ୍ର ବୈଦ୍ୟ ଭୂଷଣଙ୍କୁ୧୫ ଡିସେମ୍ବର ୨୦୨୦ରେ ବିଷମକଟକ ବିଡିଓ ଚିଠି ସଂଖ୍ୟା ୩୧୧୦ରେ ବଦଳି କରିଥିଲେ। ତାଙ୍କ ସ୍ଥାନରେ ନୂତନ ଭିଏଲ୍‌ଡବ୍ଲ୍ୟୁଙ୍କୁ ନିଯୁକ୍ତି ଦିଆ ଯାଇଛି। କିନ୍ତୁ ୪ ମାସ ହେଲା ନୂତନ ଭିଏଲ୍‌ଡବ୍ଲ୍ୟୁଙ୍କୁ କୌଣସି ପ୍ରକାର ନଥିପତ୍ର ହସ୍ତାନ୍ତର କରାଯାଇ ନଥିବାରୁ ଉନ୍ନୟନ କାମ ଠପ୍ ହୋଇ ପଡିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।



ଅଭିଯୋଗ କରିବାକୁ ଆସିଥିବା କାଙ୍କୁବାଡ଼ି ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡ ମେମ୍ବରମାନେ।

## ଡିଏଫ୍‌ଓଙ୍କୁ ଭେଟିଲେ ବନ ସୁରକ୍ଷା ସମିତି ସଭ୍ୟ

ନବରଙ୍ଗପୁର,୬।୪ (ବି.ପ୍ର.)

- ବକେୟା ପ୍ରାପ୍ୟ ଦାବି
- ୨/୩ ଦିନରେ ବକେୟା ମିଳିବା ପ୍ରତିଶ୍ରୁତି



ଡିଏଫ୍‌ଓଙ୍କୁ ଭେଟିବାକୁ ଆସିଥିବା ଶ୍ରମିକମାନେ।

୪୦ରୁ ଊର୍ଦ୍ଧ୍ୱ ଶ୍ରମିକ ତଥା ବନ ସୁରକ୍ଷା ସମିତି ସଭ୍ୟମାନେ ମଙ୍ଗଳବାର ଡିଏଫଓ ମଗର ଧନଜୀ ରାଓସୋଙ୍କୁ ଭେଟିଛନ୍ତି। ଜଙ୍ଗଲ ସଫେଇ କରି ପ୍ରାପ୍ୟ ପାଇ ନଥିବା ସେମାନେ ଅଭିଯୋଗ କରିଛନ୍ତି।

ନବରଙ୍ଗପୁର ଜିଲା ଡୁମ୍ବର୍ଲା ଫରେଷ୍ଟ ଅଞ୍ଚଳରେ ମୁଦୁଲିଆଗୁଡା ଜଙ୍ଗଲ ସଫେଇ କରିବା ପାଇଁ ବନ ସୁରକ୍ଷା ସମିତି ସଭ୍ୟମାନଙ୍କୁ ଶ୍ରମିକ ଭାବେ ନିୟୋଜିତ କରାଯାଇଥିଲା। ଶ୍ରମିକମାନେ ୧୫ ଦିନ କାର୍ଯ୍ୟ କରିବା ପରେ ମଧ୍ୟ ସେମାନଙ୍କୁ ପାରିଶ୍ରମିକ ମିଳିଲା ନାହିଁ। ଶ୍ରମର ଫରେଷ୍ଟର ଅସିତ ସାହୁଙ୍କ ନିକଟକୁ ଅନେକ ଥର ଦୌଡିବା ପରେ ମଧ୍ୟ ଏଥିପ୍ରତି ସେ ଗୁରୁତ୍ୱ ଦେଇ ନ ଥିଲେ। ଜଣେ ମଧ୍ୟସ୍ଥିକୁ ପଠାଇ ଜଲଦି ପ୍ରାପ୍ୟ ପାଇଯିବେ ବୋଲି ସେ କହିଥିଲେ।। ପ୍ରଥମ ପର୍ଯ୍ୟାୟ ଟଙ୍କା ଦିଆଗଲା। ଯେଉଁମାନେ କାମ କରିଛନ୍ତି ସେମାନଙ୍କ ଆକାଉଣ୍ଟକୁ ଟଙ୍କା ନଯାଇ ଫରେଷ୍ଟର ଅନ୍ୟ କେତେଜଣ ଲୋକଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ଥିବା ନେଇ ଅଭିଯୋଗ କରିଛନ୍ତି ଶ୍ରମିକମାନେ। ତେବେ ପ୍ରାପ୍ୟ ବାବଦକୁ ଜଙ୍ଗଲରୁ ୧୦ ଗାଡି ଗଛ କାଟି ନେଇ ଯାଅ ବୋଲି ସେ କହିଥିବା ନେଇ ଶ୍ରମିକମାନେ ଅଭିଯୋଗ କରିଛନ୍ତି। ବହୁ ପରିଶ୍ରମ କରି ଜଙ୍ଗଲରେ ଗଛଗୁଡିକୁ ବଢାଇଛୁ। ଆମକୁ ଆମର ପ୍ରାପ୍ୟ ଦରକାର ବୋଲି ଦାବି କରିଥିଲେ ସୁଦ୍ଧା ଫରେଷ୍ଟର ଶୁଣି ନ ଥିଲେ ଶ୍ରମିକମାନେ ଡିଏଫ୍‌ଓଙ୍କୁ କହିଛନ୍ତି। ଡିଏଫ୍‌ଓଙ୍କୁ ଭେଟିବାକୁ ଲକ୍ଷ୍ମଣ ଗୌଡ, ଚିତ୍ର ଗୌଡ, ବାସୁଦେବ ଗୌଡ ଓ ପରମାନନ୍ଦ ଗୌଡଙ୍କ ସମେତ ଅନ୍ୟ ଶ୍ରମିକମାନେ ଆସିଥିଲେ। ଏ ନେଇ ଡିଏଫଓଙ୍କୁ ପଚାରିବାରୁ ୪୬ ଜଣ ଶ୍ରମିକଙ୍କ ଆକାଉଣ୍ଟକୁ ପ୍ରଥମ ପର୍ଯ୍ୟାୟରେ ଟଙ୍କା ପଠାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟମାନଙ୍କୁ ଟଙ୍କା ପଠାଯିବ।ଶ୍ରମିକଙ୍କ ଆକାଉଣ୍ଟକୁ ଟଙ୍କା ନ ଯାଇ ଅଣ ଶ୍ରମିକଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବା ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୨ରୁ ୩ ଦିନ ମଧ୍ୟରେ ସମସ୍ତ ଶ୍ରମିକ ତାଙ୍କର ପ୍ରାପ୍ୟ ପାଇଯିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୋଗ ସମ୍ପର୍କରେ ଫରେଷ୍ଟର ଅସିତ୍ ସାହୁଙ୍କୁ ୯୪୩୭୧୪୫୭୩୧ରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ।

**୪ ବାଲି ବୋଝେଇ ହାଇୱା ଜବତ**
ଚୌଦ୍ୱାର,(ଡି.ଏନ.ଏ.): ଟାଙ୍ଗୀ-ଚୌଦ୍ୱାର ତହସିଲ ପକ୍ଷରୁ ସ୍ଥାନୀୟ ନୂଆପାଟଣା ଘାଟରେ ମଙ୍ଗଳବାର ଚଢ଼ାଉ ୪ଟି ବାଲିବୋଝେଇ ହାଇୱା ଜବତ କରାଯାଇଥିଲା। ପରେ ଏହାକୁ ଚୌଦ୍ୱାର ପୋଲିସ ଜିମା ଦିଆଯାଇଥିଲା। ଏହାପରେ ହାଇୱା ପିଛା ୩୨ହଜାର ଟଙ୍କା କରି ଫାଇନ କଟାଯାଇ ଛାଡି ଦିଆଯାଇଥିବା ଜଣାପଡିଛି। ଏହି ଚଢ଼ାଉରେ ତହସିଲ ସୁପରଭାଇଜର ପୂର୍ଣ୍ଣିମା ପ୍ରଧାନ, ଦିପ୍ତୀ ରଞ୍ଜନ ବେହେରା, ସୁବ୍ରତ ନାୟକ ଓ ଆରଆଇ ଲୋପାମୁଦ୍ରା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ମହାନଦୀରେ ବୁଡ଼ି ନାବାଳକ ମୃତ

କଟକ ଅଫିସ, ୬।୪: ଜଗତ୍‌ପୁର ଥାନା ଅଧୀନ ମହାନଦୀରେ ବୁଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଣୀହାଟ ତେଲିସାହି ଅଞ୍ଚଳର ବଣ୍ଟି ଘଡେଇ(୧୧)। ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ସାଢେ ୪ଟାରେ ବଣ୍ଟି ୪ଜଣ ସାଙ୍ଗଙ୍କ ସହ ମିଶି ଆନିକଟ ବ୍ରିଜ୍‌ସ୍ଥିତ ମହାନଦୀରେ ଗାଧୋଉଥିଲେ। ହଠାତ୍ ବଣ୍ଟିଙ୍କ ଗୋଡ ଖସିଯିବାରୁ ସେ ପାଣିରେ ବୁଡିଯାଇଥିଲେ। ଖବରପାଇ ଓଡ୍ରାଫ ଟିମ୍ ପହଞ୍ଚି ମହାନଦୀରେ ବହୁ ଖୋଜାଖୋଜି କରିବା ପରେ ସନ୍ଧ୍ୟା ପ୍ରାୟ ୫ଟାରେ ବଣ୍ଟିଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୧୧/୨୧) ରୁଜୁ କରି ତଦନ୍ତ ଚଳାଇଛି।

### ଭିଜିଲାନ୍ସ ଜାଲରେ ବାରଙ୍ଗ ତହସିଲଦାର

ବାରଙ୍ଗ,୬।୪(ଡି.ଏନ୍.ଏ.): ବାରଙ୍ଗ ତହସିଲଦାର ବିଚିତ୍ରାନନ୍ଦ ନାୟକ ମଙ୍ଗଳବାର ଅପରାହ୍ନରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ୧ଲକ୍ଷ ୭ହଜାର ଟଙ୍କା ନେଇ ଗାଡ଼ିରେ ଯାଉଥିବାବେଳେ ଖବରପାଇ ତହସିଲ କାର୍ଯ୍ୟାଳୟଠାରୁ ଅଳ୍ପଦୂରରେ କଟକ ଭିଜିଲାନ୍ସ ବିଭାଗ ତାଙ୍କୁ ଧରିଥିଲା। ଉକ୍ତ ଟଙ୍କାର ହିସାବ ବିଷୟରେ ଠିକ୍ ତଥ୍ୟ ଉପସ୍ଥାପିତ ନ କରିପାରିବାରୁ ଟଙ୍କାକୁ ଭିଜିଲାନ୍ସ ବିଭାଗ ଜବତ କରିଛି। ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୧ରେ ବାରଙ୍ଗ ତହସିଲଦାର ଭାବେ ବିଚିତ୍ରାନନ୍ଦ ନାୟକ ଯୋଗଦେଇଥିଲେ। ଯୋଗଦେବାର କିଛିଦିନ ପରେ ବାରଙ୍ଗରେ ମାଫିଆମାନଙ୍କର ରାଜ ଚାଲିବା ଆରମ୍ଭ ହୋଇଥିଲା। ମାଫିଆମାନେ ଖୁଲମଖୁଲା ଭାବେ ଦିନଦ୍ୱିପ୍ରହରରେ ମାଟି, ମାଙ୍କଡାପଥର, ବାଲି ଓ ମୋରମ ଚୋରାଚାଲଣ ଚଳାଇଥିଲେ। ମଙ୍ଗଳବାର ବାଲିଘାଟର ନିଲାମ ନେଇଥିବା ଠିକାଦାରର ଜଣେ ସହଯୋଗୀ ସୁକାନ୍ତ ମୁଦୁଲିଙ୍କଠାରୁ ୧ଲକ୍ଷ ୭ ହଜାର ଟଙ୍କା କାର୍ଯ୍ୟାଳୟରୁ ନେଇ ତହସିଲଦାର ନାୟକ ବାରଙ୍ଗ-ବାଙ୍କି ମୁଖ୍ୟରାସ୍ତାରେ ଯାଉଥିଲେ। ତେବେ ପୂର୍ବରୁ କଟକ ଭିଜିଲାନ୍ସ ଏହାର ଖବରପାଇ ରାସ୍ତାରେ ଚଢ଼ାଉ କରି ତାଙ୍କୁ ଧରିଥିଲେ।

### ୧୨୫ କିଲୋ ଗଞ୍ଜେଇ, କାର୍ ଜବତ: ୨ ଗିରଫ

କଟକ ଅଫିସ/ବାରଙ୍ଗ, ୬।୪ (ଡି.ଏନ୍.ଏ.): କଟକ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ମଙ୍ଗଳବାର ସକାଳ ସାଢେ ୫ଟାରେ ବାରଙ୍ଗ ଥାନା ତ୍ରିଶୁଳିଆ ଛକଠାରେ ଚଢାଉ କରି ଏକ କାର ସହ ୧୨୫ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ବିହାର ହରିହରପୁର ଅଞ୍ଚଳର ରାଜ କୁମାର ପଣ୍ଡିତ(୩୩) ଓ ବିହାର ଜାହାନାବାଦ୍ ଅଞ୍ଚଳର ଚନ୍ଦର କୁମାର(୨୭)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଫ୍ଲାଇଂ ସ୍କ୍ୱାଡ୍ ଅଧିକାରୀ ସୁଶାନ୍ତ କୁମାର ପାଢ଼ୀଙ୍କ ସୂଚନାଅନୁଯାୟୀ, ଉକ୍ତ କାର (ନଂ.ଏପି୦୩ ଏଏକ୍ସ-୯୪୧୪)ଟି ଆନ୍ଧ୍ରର ସିକାକୁଲମରୁ ବିହାର ଜାହାନାବାଦ୍ ଅଭିମୁଖେ ଯାଉଥିଲା। ଖବରପାଇ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ଉକ୍ତ କାରକୁ ଅଟକାଇ ଯାଞ୍ଚ କରିବା ପରେ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୬.୫ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ଡିଏସଇ ସିଦ୍ଧେଶ୍ୱର ବେହେରା, ଆଇଆଇସି ସୁଶାନ୍ତ ପାଢ଼ୀ, ସରୋଜ ପ୍ରମୁଖ ସାମିଲ ଥିଲେ।

# ଜମି ବିବାଦରୁ ଗୁଳି, ବୋମାମାଡ଼

**୨ ମୃତ, ୧୫ରୁ ଊର୍ଦ୍ଧ୍ୱ ଆହତ**
- ୨ ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷ
- ମୃତଦେହ ରଖି ଭଗବତପୁରବାସୀଙ୍କ ରାସ୍ତାରୋକୋ


କଟକ-ନରସିଂହପୁର ମୁଖ୍ୟ ରାସ୍ତାର ଅଭିମାନପୁର ଛକରେ ଭଗବତପୁର ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

ବଡ଼ମ୍ବା,୬।୪(ଡି.ଏନ୍.ଏ.)

ସରକାରୀ ଜମି ଦଖଲକୁ ନେଇ ବଡ଼ମ୍ବା ଥାନା ଅନ୍ତର୍ଗତ ବୁଢ଼ାପଙ୍କ ଓ ଭଗବତପୁର ଗ୍ରାମବାସୀଙ୍କ ମଧ୍ୟରେ ମଙ୍ଗଳବାର ସକାଳେ ଗୋଷ୍ଠୀସଂଘର୍ଷ ଘଟି ଉଗ୍ରରୂପ ଧାରଣ କରିଛି। ଉଭୟ ଗ୍ରାମର ସୀମାରେ ଗୁଳି ଫୁଟିବା ସହ ବୋମା ମାଡ଼ ହୋଇଛି। ଏଥିରେ ଭଗବତପୁର ଗ୍ରାମର ୨ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକମାନେ ହେଲେ ଅଶ୍ୱିନୀ ପାଳ (୩୪) ଓ ପବିତ୍ର ଅକ୍ଷିତ୍ (୨୭)। ଆହତମାନଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଘଟଣାସ୍ଥଳରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହି ଘଟଣାକୁ ନେଇ ଭଗବତପୁର ଗ୍ରାମବାସୀ କଟକ-ନରସିଂହପୁର ମୁଖ୍ୟ ରାସ୍ତାର ଅଭିମାନପୁର ଛକରେ ଉଭୟ ମୃତଦେହ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ସରକାରୀ ଜମିର ସ୍ଥାୟୀ ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି। ଖବରପାଇ ଧାରଣାସ୍ଥଳରେ ମାଣିଆବନ୍ଧ ଫାଣ୍ଡି ଅଧିକାରୀ, ବଡମ୍ବା, କାନପୁର ଓ ଆଠଗଡ ଥାନା ଅଧିକାରୀଙ୍କ ସମେତ ଆଠଗଡ ଉପଜିଲାପାଳ, ଏସ୍‌ଡିପିଓ, ବଡ଼ମ୍ବା ତହସିଲଦାର, ଅତିରିକ୍ତ ତହସିଲଦାର, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛନ୍ତି। ବଡମ୍ବା ଅତିରିକ୍ତ ତହସିଲଦାର ସୁରଥ ଚନ୍ଦ୍ର ରାଉତ ବିବାଦ ସମ୍ପର୍କରେ କହିଛନ୍ତି, ଉଭୟ ଗ୍ରାମବାସୀ ବହୁ ସରକାରୀ ଜମି ଜବରଦଖଲ କରି ରଖିଛନ୍ତି। ଏହାସତ୍ତ୍ୱେ ଅଧିକ ସରକାରୀ ଜମି ହାତେଇବାକୁ ନେଇ ବିବାଦ ଉପୁଜିଛି। ସୋମବାର ଉଭୟ ଗ୍ରାମର ସୀମାରେ ଥିବା ଏକ ସରକାରୀ ଜାଗାରେ ନିର୍ମାଣ କାର୍ଯ୍ୟ କରିବାକୁ ବୁଢ଼ାପଙ୍କ ଗ୍ରାମର କେତେଜଣ ଲୋକ ପହଞ୍ଚି ସଫାସଫି କରିଥିଲେ। ଭଗବତପୁର ଗ୍ରାମବାସୀ ଏହା ଜାଣିବା ପରେ ଗ୍ରାମର କେତେଜଣ ଲୋକ ମଙ୍ଗଳବାର ସକାଳେ ଉକ୍ତ ଜାଗାରେ ପହଞ୍ଚି ବିରୋଧ କରିଥିଲେ। ଏ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ବୁଢ଼ାପଙ୍କ ଗ୍ରାମରୁ ଆସିଥିବା ଗୋଷ୍ଠୀ ଭଗବତପୁରର ଲୋକଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ସେମାନେ ଗୁଳି ଫୁଟାଇବା ସହ ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ଏହି ଘଟଣାର ତଦନ୍ତ ଚାଲିଛି। ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରଯାଉଛି ବୋଲି ଜିଲା ଅତିରିକ୍ତ ପୋଲିସ ଅଧୀକ୍ଷକ ପ୍ରଦ୍ୟୁମ୍ନ କୁମାର ଜେନା ସୂଚନା ଦେଇଛନ୍ତି। ଏସମ୍ପର୍କରେ ଆଠଗଡ ଉପଜିଲାପାଳ ଅଜାମ୍ବର ମହାନ୍ତି କହିଛନ୍ତି, ବିବାଦର ସ୍ଥାୟୀ ସମାଧାନ ପାଇଁ ବୈଠକ ଜାରି ରହିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସମାଧାନର ବାଟ ବାହାରିପାରି ନ ଥିଲା। ସୂଚନାଯୋଗ୍ୟ,ସରକାରୀ ଜମିକୁ କେନ୍ଦ୍ର କରି ବୁଢାପଙ୍କ ଓ ଭଗବତପୁର ଗ୍ରାମ ମଧ୍ୟରେ ଦୀର୍ଘ ଦିନ ହେବ ବିବାଦ ଲାଗି ରହିଛି। ଏନେଇ ଶାନ୍ତି କମିଟି ମାଧ୍ୟମରେ ବାରମ୍ବାର ବିବାଦର ସମାଧାନ କରିବାକୁ ଚେଷ୍ଟା କରାଯାଇଛି। ଏହି ଜମିକୁ କେହି ଦଖଲରେ ନ ରଖିବାକୁ ପ୍ରଶାସନ ପକ୍ଷରୁ ପୂର୍ବରୁ ଚେତାବନୀ ଦିଆଯାଇଛି। ଏହାସତ୍ତ୍ୱେ ସରକାରୀ ଜମିକୁ ନେଇ ୨ ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିବା ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି।

# ଦିନକରେ ୫୮୮ ସଂକ୍ରମିତ ଚିହ୍ନଟ

**ଖୋର୍ଦ୍ଧାରେ ସର୍ବାଧିକ ୧୫.୬% ସକ୍ରିୟ ରୋଗୀ**

ଭୁବନେଶ୍ୱର, ୬।୪(ବ୍ୟୁରୋ)

ରାଜ୍ୟରେ ଗତ ୨୪ଘଣ୍ଟାରେ ୫୮୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୦୫ଜଣ ରହିଥିବା ବେଳେ ସୁନ୍ଦରଗଡ଼ରେ ୮୪, କଳାହାଣ୍ଡିରେ ୬୪ଜଣ ରହିଛନ୍ତି। ରାଜ୍ୟରେ ଏବେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୩,୪୩,୮୫୬କୁ ବୃଦ୍ଧି ପାଇଛି। ଏ ନେଇ ମଙ୍ଗଳବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ରାଜ୍ୟରେ ବଢୁଥିବା ପରିସଂଖ୍ୟାନ ଉଦ୍‌ବେଗଜନକ ନୁହେଁ। ଅଧିକ ଲୋକ ଟ୍ରେସିଂ ଟେଷ୍ଟିଂ ହୋଇ ଆଇସୋଲେଶନ କରାଯିବା ଭଲ। ଓଡ଼ିଶାର ସ୍ଥିତି ଜାତୀୟ ହାର ତୁଳନାରେ ଭଲ ରହିଛି ବୋଲି ଡା. ମିଶ୍ର କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟାନୁସାରେ, ଦେଶରେ ପ୍ରତି ୧୦ଲକ୍ଷରେ ୯୩୯୭.୦୭ ମାମଲା ଆସୁଥିବାବେଳେ ଓଡ଼ିଶାରେ ତାହା ୭୪୭୫.୧୩ ରହିଛି। ସେହିପରି ଦେଶରେ ଆରୋଗ୍ୟ ହାର ୯୨.୭୯ଥିବା ବେଳେ ଓଡ଼ିଶାରେ ୯୮.୫୦ ରହିଛି। ଦେଶରେ ପଜିଟିଭ୍ ହାର ୫.୦୬% ରହିଥିବା ବେଳେ ଓଡ଼ିଶାରେ ୩.୭୩% ରହିଛି। ଅପରପକ୍ଷରେ ରାଜ୍ୟରେ ଏବେ ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଉଥିବାରୁ ସକ୍ରିୟ ସଂଖ୍ୟା ବଢ଼ିଯାଇଛି। ରାଜ୍ୟର ସକ୍ରିୟ ରୋଗୀଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୫.୬% ଥିବାବେଳେ ସୁନ୍ଦରଗଡ଼ରେ ୧୧.୮%, ନୂଆପଡ଼ାରେ ୧୧.୪%, କଳାହାଣ୍ଡିରେ ୯.୪%, ବରଗଡ଼ରେ ୬.୯%, କଟକରେ ୬.୮% ରହିଛନ୍ତି।

ରାଜ୍ୟର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ସଂକ୍ରମଣ ହାର ବୃଦ୍ଧି ପାଉଥିବାରୁ ସେଠାରେ ନାଇଟ୍ କର୍ଫ୍ୟୁ ଲାଗୁ ହୋଇଛି। ଏଠାରେ କୌଣସି ସମାବେଶ ପ୍ରତିବନ୍ଧକ କରିବା ପାଇଁ ଜିଲା ପ୍ରଶାସନ ୧୪୪ ଧାରା ଲଗାଇପାରିବେ। କୌଣସି ସାଧାରଣ ସ୍ଥାନରେ ୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏକତ୍ର ହୋଇପାରିବେ ନାହିଁ। ସରକାରୀ କାର୍ଯ୍ୟାଳୟକୁ କୌଣସି ଲୋକଙ୍କୁ ଅନୁମତି ଦିଆଯିବ ନାହିଁ। ଯଦି କୌଣସି ସ୍ଥାନରେ ମନ୍ଦିର ବନ୍ଦ କରାଯାଉଛି ତେବେ ୪୮ଘଣ୍ଟା ବନ୍ଦ କରିବାକୁ ପଡ଼ିବ। ଫଳରେ ସଂକ୍ରମଣର ଚେନ୍‌କୁ ରୋକାଯାଇପାରିବ। ଗୋଟିଏ ଦିନ ଏଭଳି ବନ୍ଦ କଲେ କିଛି ହେବ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ରେଡ୍ ଫ୍ଲାଗ୍ ଷ୍ଟେଟ୍‌ରୁ କେହି ଆସୁଥିଲେ ସେମାନଙ୍କ ପାଇଁ ମଧ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ବିମାନରେ ଯେଉଁମାନେ ଆସିବେ ସେମାନେ ୭୨ଘଣ୍ଟା ପୂର୍ବରୁ ଆର୍‌ଟିପିସିଆର୍ ନେଗେଟିଭ୍ ରିପୋର୍ଟ ଦେବାକୁ ବାଧ୍ୟ। ବାହାରୁ ଆସୁଥିବା ଟ୍ରେନ୍‌ଯାତ୍ରୀମାନେ ଏକ ସପ୍ତାହ ପାଇଁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବେ। ଯଦି କାହାର ଲକ୍ଷଣ ଥିବ ତେବେ ସେମାନେ ପହଞ୍ଚିବା ପରେ ସଙ୍ଗେ ସଙ୍ଗେ ପରୀକ୍ଷା କରାଇବେ। ସେହିପରି ରାଜ୍ୟରେ ଦୈନିକ ଆର୍‌ଟିପିସିଆର୍ ଟେଷ୍ଟିଂ ବୃଦ୍ଧି କରିବା ପାଇଁ ଜିଲାଗୁଡ଼ିକୁ କୁହାଯାଇଛି। ଦୈନିକ ୫ହଜାର ପରିବର୍ତ୍ତେ ୧୦ହଜାର ଆର୍‌ଟିପିସିଆର୍ ଟେଷ୍ଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ବାରଙ୍ଗରେ ୩ କରୋନା ଆକ୍ରାନ୍ତ

ବାରଙ୍ଗ,୬।୪(ଡି.ଏନ୍.ଏ.)

ଦୀର୍ଘଦିନର ବ୍ୟବଧାନ ପରେ ବାରଙ୍ଗକୁ ପୁଣି ଫେରିଛି କରୋନା। ମଙ୍ଗଳବାର ରାଜ୍ୟରେ ଚିହ୍ନଟ ହୋଇଥିବା ନୂଆ କରୋନା ଆକ୍ରାନ୍ତଙ୍କ ମଧ୍ୟରେ ବାରଙ୍ଗରୁ ୩ଜଣ ରହିଥିବାର ଜଣାପଡିଛି। ସେମାନେ ହେଲେ ବାରଙ୍ଗ ବ୍ଲକର ସାଇଁଶୋ ପଞ୍ଚାୟତରେ ଜଣେ, କୁହେଁଇପଡା ପଞ୍ଚାୟତର ଜଣେ ଓ ସିଆଇଏସ୍‌ଏଫ୍‌ରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବାର ବିଡିଓ ପ୍ରଭାକର ପଣ୍ଡା ସୂଚନା ଦେଇଛନ୍ତି। ଏହାପରେ ବାରଙ୍ଗରେ କରୋନାକୁ ନେଇ ପୁଣି ଭୟର ବାତାବରଣ ସୃଷ୍ଟି ହେବାକୁ ଯାଉଥିବା ଜଣାପଡ଼ିଛି।

### ଦଲାଲମୁକ୍ତ ହେବ ଏସ୍‌ସିବି ମେଡିକାଲ

କଟକ ଅଫିସ,୬।୪

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ହେଲେ ଏହାର ପାରିପାର୍ଶ୍ୱିକ ଉନ୍ନତି କରିବା ଆବଶ୍ୟକ । ଏଥିସହ ମେଡିକାଲରେ ଚାଲିଥିବା ଦଲାଲି କାର୍ଯ୍ୟ ଦୃଢ ଭାବରେ ଦମନ କରାଯିବ। ଗରିବ ଅସହାୟ ରୋଗୀ ଏସ୍‌ସିବିକୁ ଉନ୍ନତମାନର ଓ ମାଗଣାରେ ଚିକିତ୍ସା ପାଇଁ ଆସୁଛନ୍ତି। ହେଲେ ସେମାନେ କେତେଜଣ ଅସାଧୁ ଲୋକଙ୍କର ଆକ୍ରୋଶର ଶିକାର ହେଉଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଆଗାମୀ ଦିନରେ ଏହାକୁ କଡାକଡି କରାଯିବ। ଏସ୍‌ସିବି ମେଡିକାଲକୁ ଦଲାଲ ମୁକ୍ତ କରିବା ଆମ୍ଭର ଲକ୍ଷ୍ୟ ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି)ଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ବୈଠକରେ ଆର୍‌ଡିସି ଅନିଲ ସାମଲ କହିଥିଲେ। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ, ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ହେଲେ ଏହାର ଚତୁଃପାର୍ଶ୍ୱରେ ଥିବା ସଂସ୍ଥା, କଟକ ଜନସାଧାରଣ, ଡାକ୍ତରଙ୍କ ସହଯୋଗ ନିହାତି ଆବଶ୍ୟକ। କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ କହିଥିଲେ, ନର୍ସିଂହୋମ ମାଲିକମାନେ ସେମାନଙ୍କ ଅନୁଷ୍ଠାନକୁ ଦଲାଲ ମୁକ୍ତ ବୋଲି ବୋର୍ଡ ଲଗାନ୍ତୁ। ଏସ୍‌ସିବି ମେଡିକାଲର ବିଭିନ୍ନ ଗେଟ୍‌ରେ ପୋଲିସ ବ୍ୟବସ୍ଥା କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ ବୈଠକରେ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଡିସିପି ତ୍ରିନାଥ ମିଶ୍ର, ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ଡା. ଲୁସି ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଆର୍‌ଡିସି, ଜିଲାପାଳଙ୍କ ସହ ଅନ୍ୟମାନେ।


'ଅନୱାର୍ଡ଼ ଓଡ଼ିଶା' ଶୀର୍ଷକ ଅନଲାଇନ ଚିତ୍ରକଳା ପ୍ରଦର୍ଶନୀରେ ଶିଳ୍ପୀ ଅନୁପ କୁମାର ଚାନ୍ଦ ଏବଂ ଅସିତ୍ କୁମାର ପଟ୍ଟନାୟକଙ୍କ ଚିତ୍ରକଳା।

# ଚିତ୍ରକଳାରେ ଓଡ଼ିଶାର କଳା, ଭାସ୍କର୍ଯ୍ୟ

**'ଅନୱାର୍ଡ଼ ଓଡ଼ିଶା' ପ୍ରଦର୍ଶନୀରେ ୬୧ ଚିତ୍ରଶିଳ୍ପୀ**

ଭୁବନେଶ୍ୱର, ୬।୪ (ବ୍ୟୁରୋ)

ମଧ୍ୟପ୍ରଦେଶର ଭୋପାଳରେ 'ଫାଉଣ୍ଡେଶନ ଅଫ ଆର୍ଟ ଆଣ୍ଡ କଲ୍‌ଚର' ଦ୍ୱାରା ଓଡ଼ିଶାର ଚିତ୍ର ଓ ଭାସ୍କର୍ଯ୍ୟଶିଳ୍ପୀଙ୍କ କଳାକୃତିକୁ ନେଇ ମଙ୍ଗଳବାର 'ଅନୱାର୍ଡ଼ ଓଡ଼ିଶା' ଶୀର୍ଷକ ଅନଲାଇନ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କ୍ୟୁରେଟର ଅନୁପ କୁମାର ଚାନ୍ଦ ଓ ଆସିଷ୍ଟାଣ୍ଟ କ୍ୟୁରେଟର ପୁନମ ଜୈନଙ୍କ ଦ୍ୱାରା ଆୟୋଜିତ ଏହି ଚିତ୍ରକଳାରେ ଓଡ଼ିଶାର ୬୧ଜଣ ଚିତ୍ରଶିଳ୍ପୀ ଓ ଭାସ୍କର୍ଯ୍ୟ ଶିଳ୍ପୀଙ୍କ କଳାକୃତି ସ୍ଥାନ ପାଇଛି। ଭୋପାଳର ବରିଷ୍ଠ ଚିତ୍ରଶିଳ୍ପୀ ଅଖିଳେଶ ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ଚିତ୍ରଶିଳ୍ପୀଙ୍କୁ ସ୍ୱାଗତ ଜଣାଇଥିଲେ। ବିଭିନ୍ନ ବିଷୟବସ୍ତୁ ଓ ଶୈଳୀକୁ ନେଇ ଚିତ୍ର ଓ ଭାସ୍କର୍ଯ୍ୟଗୁଡ଼ିକ ତିଆରି ହୋଇଥିଲା। ବରିଷ୍ଠ ଶିଳ୍ପୀ ଯତୀନ ଦାସ, ଜଗନ୍ନାଥ ପଣ୍ଡା, ଜଗନ୍ନାଥ ମହାପାତ୍ର, ତପନ ଦାସ, ସଜଳ ପାତ୍ର, ରାମହରି ଜେନା, ଗଜେନ୍ଦ୍ର ପାଢୀ, ରଞ୍ଜନ ମଲ୍ଲିକ, ଗଜେନ୍ଦ୍ର ପ୍ରସାଦ ସାହୁ, ମାନସ ଜେନା, ପ୍ରଦୋଷ ସ୍ୱାଇଁ, ମୀନକେତନ ପଟ୍ଟନାୟକ ପ୍ରମୁଖ ଚିତ୍ରଶିଳ୍ପୀଙ୍କ କଳାକୃତି ନିଜ ନିଜ ଶୈଳୀରେ ଅଦ୍ୱିତୀୟ ମନେ ହେଉଥିଲା। ସେହିପରି ଶିଳ୍ପୀ ଗୌରାଙ୍ଗ ବାରିକ, ସଙ୍ଗୀତା ପଟ୍ଟନାୟକ, ରାଜୀବ ଲୋଚନ ସାହୁ ଓ ଅରୁଣ କୁମାର ଜେନା ପାରମ୍ପରିକ କଳାକୁ ସମସାମୟିକ ଶୈଳୀରେ ନିଖୁଣ ଭାବେ ଅଙ୍କନ କରିଥିଲେ। ମୁଦ୍ରଣ କଳାରେ ଚଇତାବସୁ ଜେନା, ଡ୍ରଇଁରେ ତାରାକାନ୍ତ ପରିଡ଼ା, ସେରାମିକରେ ବିଶ୍ୱଜିତା ମହାରଣା ନିଜର ଶ୍ରେଷ୍ଠ କୃତି ପ୍ରଦର୍ଶନ କରିଥିଲେ। ଚିତ୍ରଶିଳ୍ପୀ ଅନୁପ କୁମାର ଚାନ୍ଦ ତୈଳଚିତ୍ରରେ ଏକ ଅଲଗା ଶୈଳୀରେ ପଶୁମାନଙ୍କ ଚିତ୍ର ଅଙ୍କନ କରିଥିଲେ। ଶିଳ୍ପୀ ଅସିତ କୁମାର ପଟ୍ଟନାୟକଙ୍କ 'ଏଫେକ୍ସନ' ଶୀର୍ଷକ ଏକ୍ରାୟଲିକ ଚିତ୍ରଟି ପ୍ରଦର୍ଶନୀର ଅନ୍ୟତମ ଆକର୍ଷଣ ଥିଲା। ଏଥିରେ ଅସିତ ନାରୀ ଓ ପୁରୁଷ ଚିତ୍ରକୁ ସୃଜନଶୀଳ ଢଙ୍ଗରେ ଚିତ୍ରିତ କରିଥିଲେ। ସେହିପରି ଶିଳ୍ପୀ ପଞ୍ଚାନନ ସାମଲଙ୍କ ଏକ୍ରାୟଲିକ ରଙ୍ଗର 'ନେଚୁରାଲ ହାରମୋନି' ଶୀର୍ଷକ ଚିତ୍ର ସମସ୍ତଙ୍କ ମନ ଛୁଇଁଥିଲା। ସମସାମୟିକ ଜୀବନଯାପନ ଶୈଳୀ କିପରି ମଣିଷର ସୁଖ ଓ ଶାନ୍ତିକୁ ହରଣ କରିନେଇଛି ଏବଂ ମଣିଷ ବିକଳ୍ପ ଶାନ୍ତିର ସନ୍ଧାନରେ ନିଜର ଅସ୍ତିତ୍ୱ ହରାଇ ବସିଛି ତାହାକୁ ସୃଜନଶୀଳ ଢଙ୍ଗରେ ଉପସ୍ଥାପନ କରାଯାଇଛି।

# ନନ୍ଦନକାନନକୁ ଆସିଲା ଶିଶୁ ରେଳଗାଡ଼ିର ଇଞ୍ଜିନ୍, ବଗି

ବାରଙ୍ଗ,୬।୪(ଡି.ଏନ୍.ଏ.)

ଦୀର୍ଘଦିନର ବନ୍ଦ ପରେ ଏବେ ନନ୍ଦନକାନନରେ ଚାଲିବ ଶିଶୁ ରେଳଗାଡ଼ି। ଏଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ପ୍ରସ୍ତୁତିପର୍ବ ଆରମ୍ଭ କରିଦେଇଛନ୍ତି। ଗତ ୨୮ତାରିଖରେ ଶିଶୁ ରେଳଗାଡ଼ିର ଇଞ୍ଜିନ ଆସିଥିବାବେଳେ ମଙ୍ଗଳବାର ରେଳଗାଡ଼ିର ବଗି ଆସି ପହଞ୍ଚିଛି। ଶିଶୁ ରେଳଗାଡ଼ିର ପୁନରୁଦ୍ଧାର କରି କାର୍ଯ୍ୟକ୍ଷମ କରିବାପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ରେଲଇଣ୍ଡିଆ ଟେକ୍ନିକାଲ ଆଣ୍ଡ ଇକୋନୋମିକ ସର୍ଭିସ ସଂସ୍ଥା ସହ ଚୁକ୍ତି କରିଥିଲେ। ଏହି ସଂସ୍ଥା ୧୦୫ମିଟର ଲମ୍ବ, ୮ଇଞ୍ଚ ଚଉଡ଼ା, ୧୬୮୫ମିଟରର ଟ୍ରାକ ସହ ବେଟେରିଚାଳିତ ଇଞ୍ଜିନ, ବଗି କରିବାକୁ ୪ କୋଟି ୮୦ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଥିଲା। ଏଥିନିମନ୍ତେ ମହାନଦୀ କୋଲଫିଲ୍ଡ ଲିମିଟେଡ ସଂସ୍ଥା ଏହି ଅର୍ଥକୁ ନନ୍ଦନକାନନକୁ ହସ୍ତାନ୍ତର କରିଛି। ୧୨ଲକ୍ଷ ୫୦ ହଜାରେ ଟଙ୍କାର ବାର୍ଷିକ ଦେୟ ଦେଇ ସିଟିକନ ନାମକ ଏକ ସଂସ୍ଥା ଶିଶୁ ରେଳଗାଡ଼ିକୁ ଚଳାଇବା ପାଇଁ ୨୦୧୩ରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହ ୫ବର୍ଷିଆ ଚୁକ୍ତି କରି ଏହାକୁ ଚଳାଇଥିଲା। ବ୍ୟବସାୟିକ କ୍ଷତି ଦର୍ଶାଇ ୨୦୧୪ରେ ନ ଚଳାଇବାରୁ ଶିଶୁ ରେଳଗାଡଟି ସେହିଦିନଠାରୁ ଅଚଳ ହୋଇପଡିଥିଲା। ଏହାପରେ ଶିଶୁ ରେଳଗାଡିର ଢାଞ୍ଚା ବଦଳାଇ ଆକର୍ଷଣୀୟ କରିବାପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଉଦ୍ୟମ ଆରମ୍ଭ କରିଥିବାବେଳେ ଏବେ ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡିଛି।

# 'ସାମୂହିକ ପ୍ରଚେଷ୍ଟା, ସ୍ୱଚ୍ଛ ବ୍ୟବସ୍ଥା ପ୍ରଗତି ଆଣିଛି'

**ଜାତୀୟ ପ୍ରତିରକ୍ଷା ପ୍ରତିଷ୍ଠାନ ପ୍ରତିନିଧି ଦଳଙ୍କ ଓଡ଼ିଶା ଗସ୍ତ**

ଭୁବନେଶ୍ୱର,୬।୪(ବ୍ୟୁରୋ)


ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରତିନିଧି ଦଳର ଜଣେ ସଦସ୍ୟଙ୍କୁ ସମ୍ମାନିତ କରୁଛନ୍ତି।

ଜାତୀୟ ପ୍ରତିରକ୍ଷା ପ୍ରତିଷ୍ଠାନର ଏକ ପ୍ରତିନିଧି ଦଳଙ୍କ ସହ ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, କାଜାଖସ୍ତାନ, ଇଜିପ୍ଟ, କେନିଆର ବରିଷ୍ଠ ସାମରିକ ଅଧିକାରୀମାନେ ମଙ୍ଗଳବାର ୪ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ଖାରବେଳ ଭବନଠାରେ ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କ ସଂଯୋଜନାରେ ଆୟୋଜିତ ଏକ ଆଲୋଚନା ଚକ୍ରରେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇ ରାଜ୍ୟର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ ମହାପାତ୍ର ଓଡ଼ିଶାର ଆର୍ଥିକ ପ୍ରଗତି, ଗମନାଗମନ ସୁବିଧା, ଭିତ୍ତିଭୂମି, ଶିଳ୍ପାନ୍ୱୟନ, ଦକ୍ଷ ଓ କୁଶଳୀ ମାନବ ସମ୍ବଳ ସୃଷ୍ଟି ଆଦି କ୍ଷେତ୍ରରେ ହୋଇଥିବା ଦ୍ରୁତ ବିକାଶ ସମ୍ପର୍କରେ ପ୍ରତିନିଧିମଣ୍ଡଳୀଙ୍କୁ ଅବଗତ କରାଇଥିଲେ । ଗତ ଶତାବ୍ଦୀର ଶେଷ ଭାଗରେ ମହାବାତ୍ୟା ଓଡ଼ିଶାର ମେରୁଦଣ୍ଡ ଦୋହଲାଇ ଦେଇଥିଲା । ପ୍ରଭୂତ କ୍ଷୟକ୍ଷତି ସତ୍ତ୍ୱେ ରାଜ୍ୟ ସରକାରଙ୍କ ଦୃଢ଼ ନିଷ୍ପତ୍ତି, ସାମୂହିକ ପ୍ରଚେଷ୍ଟା ଏବଂ ସ୍ୱଚ୍ଛ ଓ ତ୍ୱରିତ ପ୍ରଶାସନିକ ବ୍ୟବସ୍ଥା ଯୋଗୁ ଓଡ଼ିଶା ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଗମନାଗମନ ଓ ସାମାଜିକ ନିରାପତ୍ତା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିପାରିଛି ବୋଲି ମହାପାତ୍ର କହିଥିଲେ। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ୧୯୯୯ ଏବଂ ୨୦୨୦ରେ ଓଡ଼ିଶାର ଏକ ତୁଳନାତ୍ମକ ତଥ୍ୟ ପ୍ରଦାନ କରିଥିଲେ । ମହାବାତ୍ୟାରୁ ମିଳିଥିବା ଶିକ୍ଷା ପ୍ରଗତିର ସହାୟକ ହୋଇଛି। ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଅନେକ ଆନ୍ତର୍ଜାତିକ ସ୍ୱୀକୃତି ହାସଲ କରିବା ସହ ଅନ୍ୟ ପଡ଼ୋଶୀ ରାଜ୍ୟମାନଙ୍କୁ ସହାୟତା ଯୋଗାଇବାରେ ସମର୍ଥ ହୋଇଛି ବୋଲି କହିଥିଲେ। ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ନୀତୀନ ଭାନୁଦାସ ଜାୱଲେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠାର ପର୍ଯ୍ୟାପ୍ତ ସୁଯୋଗ ଏବଂ ବ୍ୟବସାୟ ଅନୁକୂଳ ପ୍ରଶାସନିକ ବ୍ୟବସ୍ଥା ବିଷୟରେ ସବିଶେଷ ତଥ୍ୟ ଦେଇଥିଲେ। ବୈଷୟିକ ଶିକ୍ଷା ଏବଂ କୌଶଳ ବିକାଶ ବିଭାଗ ସଚିବ ସଞ୍ଜୟ ସିଂ କୁଶଳୀ ମାନବସମ୍ବଳ ଏବଂ କୌଶଳ ବିକାଶ କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ବ୍ୟବସ୍ଥା ବିଷୟରେ ଶିକ୍ଷାନବିସଙ୍କୁ ଅବଗତ କରାଇଥିଲେ। ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ରନ୍ ଓଡ଼ିଶାର ପର୍ଯ୍ୟଟନ ପ୍ରାଚୁର୍ଯ୍ୟ, ପର୍ଯ୍ୟଟନ ଶିଳ୍ପ ଆଦି ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ, ଜାତୀୟ ପ୍ରତିରକ୍ଷା ପ୍ରତିଷ୍ଠାନର ୨୦ଜଣ ଶିକ୍ଷାନବିସ ଓଡ଼ିଶା ଆସିଛନ୍ତି । ଓଡ଼ିଶାର ପ୍ରଗତି ଏବଂ ପ୍ରଶାସନିକ ବ୍ୟବସ୍ଥା ସେମାନଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିଛି । ସେମାନେ ଓଡ଼ିଶାରେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ରହିବେ ଏବଂ ରାଜ୍ୟର ବିଭିନ୍ନ ସ୍ଥାନ ବୁଲି ବହୁ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ମେଜର ଜେନେରାଲ୍ ଏଚ୍. ବି. ପିଲାଇ ଏହି ଦଳର ନେତୃତ୍ୱ ନେଉଥିବାବେଳେ ବରିଷ୍ଠ ପୋଲିସ ଅଧିକାରୀ ସୁନିତା କାକରନ୍ ଏହାର ସଂଯୋଜନା କରୁଛନ୍ତି ।

